IndusInd Bank

# ଇଣ୍ଡସଇଣ୍ଡ ବ୍ୟାଙ୍କ ଡେବିଟ୍ କାର୍ଡ଼ର ଉପଯୋଗ ସର୍ତ୍ତାବଳୀ

## ସର୍ତ୍ତ ଓ ବ୍ୟବସ୍ଥାବଳୀ

**ଗୁରୁତ୍ୱପୂର୍ଣ୍ଣ : ଦୟାକରି ଏହା ନିଶ୍ଚିତ କରନ୍ତୁ ଯେ ଆପଣ ଇଣ୍ଡସଇଣ୍ଡ ବ୍ୟାଙ୍କ (ବ୍ୟାଙ୍କ) ଡେବିଟ୍ କାର୍ଡ଼ ବ୍ୟବହାର କରିବା ପୂର୍ବରୁ ଏହି ଡେବିଟ୍ କାର୍ଡ଼ର ସର୍ତ୍ତ ଓ ବ୍ୟବସ୍ଥାବଳୀଗୁଡ଼ିକୁ ଭଲ ଭାବରେ ପାଠ କରିଛନ୍ତି। ଡେବିଟ୍ କାର୍ଡ଼ ବ୍ୟବହାର କରି ଆପଣ ବିନା ସର୍ତ୍ତରେ ଏଠାରେ ଦିଆଯାଇଥିବା ତାଲିକାଭୁକ୍ତ ସର୍ତ୍ତ ଓ ବ୍ୟବସ୍ଥାବଳୀ ଗୁଡ଼ିକୁ ଗ୍ରହଣ କରୁଛନ୍ତି ଓ ସେଗୁଡ଼ିକୁ ଅନୁପାଳନ ପାଇଁ ଦାୟଭୁକ୍ତ ଅଟନ୍ତି ଏବଂ ଆପଣ ସଂପୃକ୍ତ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ନିୟମାବଳୀ, ଆରବିଆଇ ବିନିମୟ ନିୟନ୍ତ୍ରଣ ନିୟମାବଳୀ, ବୈଦେଶିକ ବିନିମୟକୁ ପାଳନ କରିବା ସୁନିଶ୍ଚିତ କରିବେ। ମ୍ୟାନେଜମେଣ୍ଟ ଅଧିନିୟମ 1999 (ଏଫଇଏମଏ), ସମସ୍ତ ନିୟମ ଓ ନିୟାମକ ଗୁଡ଼ିକ ଯାହା ସମୟକୁ ସମୟରେ ଗଠିତ ହୋଇଛି ଏବଂ ସମୟକୁ ସମୟରେ ସଂଶୋଧିତ / ରୂପାନ୍ତରିତ/ ପ୍ରଯୁଜ୍ୟ ଏବଂ ସମୟକୁ ସମୟ ଅନୁସାରେ ତାହା ଅନୁରୂପ ଭାବରେ ପ୍ରଣୀତ ହେବ। ବ୍ୟାଙ୍କ ସହିତ ଆପଣଙ୍କର ସେଭିଂସ୍ ବ୍ୟାଙ୍କ ଆକାଉଣ୍ଟ / ସାଂପ୍ରତିକ ଆକାଉଣ୍ଟର କାର୍ଯ୍ୟର ସର୍ତ୍ତାବଳୀ ଓ ବ୍ୟବସ୍ଥାବଳୀ ଦ୍ୱାରା ଆପଣ ଆବଦ୍ଧିତ ହୋଇ ରହିବେ।**

**ସଂଜ୍ଞା :**

**କାର୍ଡ କିମ୍ବା ଡେବିଟ୍ କାର୍ଡ଼,** ଯାହା ଇଣ୍ଡସଇଣ୍ଡ ବ୍ୟାଙ୍କ ମାଷ୍ଟର କାର୍ଡ଼/ ଭିସା/ ରୁପେ ଡେବିଟ୍ କାର୍ଡ଼ ଯାହାକୁ ଇଣ୍ଡସଇଣ୍ଡ ବ୍ୟାଙ୍କ ଦ୍ୱାରା ଏହାର କାର୍ଡ଼ଧାରୀଙ୍କୁ ଜାରି କରାଯାଇଥାଏ।

**କାର୍ଡ଼ଧାରୀ** ଏହାର ଅର୍ଥ ହେଉଛି ଇଣ୍ଡସଇଣ୍ଡ ବ୍ୟାଙ୍କର ଜଣେ ଉପଭୋକ୍ତା ଯାହାଙ୍କୁ ଇଣ୍ଡସଇଣ୍ଡ ବ୍ୟାଙ୍କ ଡେବିଟ୍ କାର୍ଡ଼ ଜାରି କରାଯାଇଥାଏ। ଆକାଉଣ୍ଟ (ସମୂହ) ଅର୍ଥ ହେଉଛି ଡେବିଟ୍ କାର୍ଡ଼ର ବୈଧ ପରିଚାଳନା ପାଇଁ ଯୋଗ୍ୟ ଆକାଉଣ୍ଟ (ସମୂହ) କୁ ଇଣ୍ଡସଇଣ୍ଡ ବ୍ୟାଙ୍କ ଦ୍ୱାରା ସେଭିଂସ୍ କିମ୍ବା କରେଣ୍ଟ ଆକାଉଣ୍ଟର ପ୍ରାଧୀକୃତ କାର୍ଡ଼ଧାରୀଙ୍କୁ ପ୍ରଦାନ କରା ହୋଇଥାଏ।

**ଏଟିଏମ୍** ଏହାର ଅର୍ଥ ହେଉଛି ଭାରତ କିମ୍ବା ବିଦେଶରେ ଥିବା ଅଟୋମେଟେଡ୍ ଟେଲର ମେସିନ୍, ତାହା ଇଣ୍ଡସଇଣ୍ଡ ବ୍ୟାଙ୍କ କିମ୍ବା ସେୟାର ନେଟୱାର୍କରେ ଥିବା ଅନ୍ୟ କୌଣସି ବ୍ୟାଙ୍କ ଯେଉଁଥିରେ ଅନ୍ୟାନ୍ୟ ସମସ୍ତ ବିଷୟ ଅନ୍ତର୍ଭୁକ୍ତ ରହିଥାଏ, କାର୍ଡ଼ ଧାରୀ ତାଙ୍କର ଏହି ଡେବିଟ୍ କାର୍ଡ଼କୁ ବ୍ୟବହାର କରି ଇଣ୍ଡସଇଣ୍ଡ ବ୍ୟାଙ୍କ ସହିତ ରହିଥିବା ତାଙ୍କ ଆକାଉଣ୍ଟ (ସମୂହ) ରେ ପାଣ୍ଠି ପରିଚାଳନା କରିପାରନ୍ତି।

**ପିନ୍** ର ଅର୍ଥ ହେଉଛି ବ୍ୟକ୍ତିଗତ ପରିଚୟ ନମ୍ବର (ଏଟିଏମ୍ ଆକ୍ସେସ କରିବା ଆବଶ୍ୟକ) କାର୍ଡ଼ଧାରୀଙ୍କୁ ଇଣ୍ଡସଇଣ୍ଡ ବ୍ୟାଙ୍କ ଦ୍ୱାରା ସମୟକୁ ସମୟରେ ତାଙ୍କ ଦ୍ୱାରା ବାଛିବା ପ୍ରକାରେ ଦିଆ ଯାଇଥାଏ।

### 1. କାର୍ଡ଼ଧାରୀଙ୍କ ସହିତ ଡେବିଟ୍ କାର୍ଡ଼ ଯୋଗ୍ୟତା ଓ ସମ୍ପର୍କ

କାର୍ଡ଼ର ଜାରି ଏବଂ ବ୍ୟବହାର ଆରବିଆଇ, ଏଫଇଏମଏ ଏବଂ ବ୍ୟାଙ୍କ ଦ୍ୱାରା ଜାରି ହୋଇଥିବା ସମୟକୁ ସମୟ ବଳବତ୍ତର ଥିବା ନୀତି ଓ ନିୟମାବଳୀ ଅଧୀନରେ ପରିଚାଳିତ ହେବ। ବ୍ୟାଙ୍କ ଇଣ୍ଟରନାଲ୍ ଡେବିଟ କାର୍ଡ଼/ ଚିପ୍ ଡେବିଟ୍ କାର୍ଡ଼ ସୁବିଧାକୁ ଏହାର ସେଭିସଂ ଓ କରେଣ୍ଟ ଆକାଉଣ୍ଟଧାରୀଙ୍କୁ ପ୍ରଦାନ କରିବ (ପରିଚାଳନାର ଅନୁମୋଦନୀୟ ପଦ୍ଧତି ଭିତ୍ତିରେ)। କୌଣସି ଫ୍ରିଲ୍ସ ଆକାଉଣ୍ଟଧାରୀ ଯଦିଓ ଘରୋଇ ଡେବିଟ୍ ପାଇଁ ଯୋଗ୍ୟ ହୋଇପାରିବେ (ନନ୍ ଚିପ୍ ଭାରିଆଣ୍ଟ)। ବ୍ୟାଙ୍କ ଦ୍ୱାରା ଜାରି ହୋଇଥିବା ଡେବିଟ୍ କାର୍ଡ଼/ ଚିପ୍ ଡେବିଟ୍ କାର୍ଡ଼କୁ ନିର୍ବାଚିତ ମର୍ଚ୍ଚାଣ୍ଟ ଦୋକାନରେ ସପିଂ ପାଇଁ ବ୍ୟବହାର କରାଯାଇପାରିବ, ଅନଲାଇନ୍ ସପିଂ ଓ ପେମେଣ୍ଟ, ୟୁଟିଲିଟି ବିଲ୍ ପ୍ରଦାନ, ଏସଆଇପି ଜରିଆରେ ନିବେଶ କିମ୍ବା ଟଙ୍କା ଉଠାଣ ପାଇଁ ବ୍ୟବହାର କରାଯାଇପାରିବ।

ଏହି କାର୍ଡ଼କୁ ଗ୍ରାହକଙ୍କ ଦ୍ୱାରା ବହୁମୁଖୀ ଅନଲାଇନ୍ ଏବଂ ଅଫଲାଇନ୍ / ବ୍ୟକ୍ତିଗତ ମାଧ୍ୟମରେ ଅନୁରୋଧ ଉପରେ କେବଳ ଜାରି କରାଯିବ ଯାହାକୁ ନିଜେ କିମ୍ବା ସହାୟତା ମଡେଲରେ, ଫେସ ଟୁ ଫେସରେ କିମ୍ବା ଫୋନ୍ ଆଧାରିତ ମଡେଲରେ ବ୍ୟବହାର କରାଯାଇପାରିବ।

ବ୍ୟାଙ୍କ ଏବଂ କାର୍ଡ଼ ଧାରୀଙ୍କ ମଧ୍ୟରେ ସମ୍ପର୍କ ଚୁକ୍ତିମୂଳକ ହେବ ଏବଂ ଡେବିଟ୍ କାର୍ଡ଼ର ଗ୍ରହଣୀୟତା/ ଉପଯୋଗୀତା ଡେବିଟ୍ କାର୍ଡ଼ ବ୍ୟବହାରକାରୀଙ୍କ ପାଇଁ ରହିଥିବା ସର୍ତ୍ତ ଓ ବ୍ୟବସ୍ଥାବଳୀ ର ଗ୍ରହଣୀୟ ଅନୁପାଳନ ଆଧାରିତ ହେବ।

ଗ୍ରାହକଙ୍କୁ ଜାରି ହୋଇଥିବା ଡେବିଟ୍ କାର୍ଡ଼/ ଚିପ୍ ଡେବିଟ୍ କାର୍ଡ଼ ବ୍ୟାଙ୍କର ସମ୍ପତ୍ତି ହୋଇ ରହିବ ଏବଂ ବ୍ୟାଙ୍କର ଏହି ଅଧୀକାର ଗୁଡ଼ିକ ସଂରକ୍ଷିତ ରହିବ :

- ଯେକୌଣସି ସମୟରେ କାର୍ଡ଼ ମାଧ୍ୟମରେ କିଛି ନୂଆ ସୁବିଧାକୁ ଅନ୍ତର୍ଭୁକ୍ତ କରାଯିବ/ କିଛି ବିଦ୍ୟମାନ ସୁବିଧାକୁ ବାଦ୍ ଦିଆଯିବ। ଗ୍ରାହକଙ୍କ ଆକାଉଣ୍ଟ ନମ୍ବର ବିପକ୍ଷରେ ରହିଥିବା ପଞ୍ଜୀକୃତ ଇମେଲ୍ ଆଇଡି/ ଫୋନ୍ ନମ୍ବର/ ଠିକଣାରେ ଯେକୌଣସି ବିଦ୍ୟମାନ ମାଧ୍ୟମ ଜରିଆରେ ଗ୍ରାହକଙ୍କୁ ବ୍ୟାଙ୍କ ଏ ସମ୍ପର୍କରେ ସୂଚନା ପ୍ରଦାନ କରିବ।
- ଗ୍ରାହକଙ୍କୁ ଭାରାର୍ପିତ କରାଯାଇଥିବା କାର୍ଡ଼ର ପ୍ରତ୍ୟାଖ୍ୟାନ/ ବିଚ୍ଛିନ୍ନତା ଆରବିଆଇ ନିୟମାବଳୀ ସହିତ ଗ୍ରାହକଙ୍କୁ ପୂର୍ବରୁ ସୂଚନା ପ୍ରଦାନ କରାଯାଇ କାର୍ଯ୍ୟକାରୀ ହେବ।
- ଗ୍ରାହକଙ୍କ ମତାମତ ଆଧାରରେ କୌଣସି ଚୋରି ହୋଇଯିବା/ ହଜିଥିବା କାର୍ଡ଼ ସମ୍ବନ୍ଧିତ ସୂଚନା ବିପକ୍ଷରେ ଗ୍ରାହକଙ୍କୁ ଏକ ନୂଆ କାର୍ଡ଼ ଜାରି କରାଯିବ। ସେ ପ୍ରକାର ନୂଆ କାର୍ଡ଼ ଜାରି ସମୟରେ ଦେୟ ସୂଚୀ ଅଧୀନରେ ସୂଚୀତ ଦେୟ ଦାବୀ କରାଯିବ।

ଡେବିଟ୍ କାର୍ଡ଼/ ଚିପ୍ ଡେବିଟ୍ କାର୍ଡ଼ ପାଇଁ ବର୍ଗ ଓ ଏହାର ଫି ଆକାଉଣ୍ଟର ପ୍ରକାର ଅନୁସାରେ ସାବ୍ୟସ୍ତ ହେବ ଯେଉଁଥିରେ କାର୍ଡ଼ଟିକୁ ଲିଙ୍କ କରାଯାଉଛି ଏବଂ ତାହା ବ୍ୟାଙ୍କର ଏକକ ନିଷ୍ପତ୍ତି ଅଧୀନରେ ଦେୟ ବିଷୟଭୁକ୍ତ ହେବ। ଏହି କାର୍ଡ଼ର ପ୍ରକାର ଅନୁସାରେ ସୁବିଧା ଓ ବୈଶିଷ୍ଟ୍ୟ ଗୁଡ଼ିକ ପରିଚାଳିତ ହେବ ଏବଂ ଆକାଉଣ୍ଟ ପରିଚାଳନା କରାଯିବ। ଗ୍ରାହକ ବ୍ୟାଙ୍କର ୱେବସାଇଟ୍‌କୁ ପରିଦର୍ଶନ କରିପାରିବେ କିମ୍ବା ଯୋଗାଯୋଗର ଅନ୍ୟାନ୍ୟ ପ୍ରଣାଳୀ ମାଧ୍ୟମରେ ବ୍ୟାଙ୍କ ସହିତ ସମ୍ପର୍କ ରକ୍ଷା କରିପାରିବେ। ଏଥି ସହିତ କିନ୍ତୁ ସୀମିତ ହୋଇ ନଥିବା ପ୍ରକାରେ ଶାଖା, ଯୋଗାଯୋଗ କେନ୍ଦ୍ର ଓ କାର୍ଡ଼ ଲେଟର ଜରିଆରେ ସମ୍ପର୍କ ସ୍ଥାପନ କରି ପ୍ରତ୍ୟେକ ଡେବିଟ୍ କାର୍ଡ଼ / ଚିପ୍ ଡେବିଟ୍ କାର୍ଡ଼ର ପ୍ରକାର, ଏହାର ବିଶେଷତ୍ୱ, ସୁବିଧା ଏବଂ ଯୋଗ୍ୟତା ମାନଦଣ୍ଡ ସମ୍ପର୍କରେ ସୂଚନା ପ୍ରାପ୍ତ କରିପାରିବେ। ଡେବିଟ୍ କାର୍ଡ଼ ହସ୍ତାନ୍ତରଯୋଗ୍ୟ ନୁହେଁ କିମ୍ବା କୌଣସି ପରିସ୍ଥିତିରେ କାର୍ଡ଼ଧାରୀଙ୍କ ଦ୍ୱାରା ଆସାଇନେବଲ୍ ନୁହେଁ।

### 2. ବ୍ୟବହାରର ସର୍ତ୍ତାବଳୀ

#### କ) କାରବାରର ଯୋଗ୍ୟତା ଓ ସୀମା

ଭାରତ (ଘରୋଇ ଏବଂ ଆନ୍ତର୍ଜାତୀୟ କାର୍ଡ଼) ଏବଂ ବିଦେଶ (କେବଳ ଆନ୍ତର୍ଜାତୀୟ କାର୍ଡ଼ ବ୍ୟବହାର ପାଇଁ ଏହି କାର୍ଡ଼ ବୈଧ ଅଟେ)। ଏହି କାର୍ଡ଼କୁ ଭାରତ, ନେପାଳ ଓ ଭୁଟାନରେ ବୈଦେଶିକ ସଞ୍ଚାଳନ ପାଇଁ ବୈଧ ବିବେଚନା କରାଯିବ ନାହିଁ। ଏହି କାର୍ଡ଼କୁ ଭାରତ / ବିଦେଶରେ ଏଟିଏମ୍ କିମ୍ବା କୌଣସି ଭିସା /ଭିସା ଇଲେକ୍ଟ୍ରନ / ଭିସା ଫ୍ଲାଗ୍ ମର୍ଚ୍ଚାଣ୍ଟ ଆଉଟଲେଟରେ ଗ୍ରହଣୀୟ ହୋଇପାରିବ। ମର୍ଚ୍ଚାଣ୍ଟ ପିଓଏସ୍ ରେ କୌଣସି ସଞ୍ଚାଳନ କାର୍ଡ଼ ପିନର ସ୍ୱୀକୃତପ୍ରାପ୍ତ ଉପଯୋଗୀତା ଆଧାରିତ ହେବ। ଆବଶ୍ୟକ ଏବଂ ଥରେ ସମାପ୍ତ ହେଲେ ପିଓଏସ୍ ଟର୍ମିନାଲ୍ ଦ୍ୱାରା ସ୍ଲିପ୍ ତିଆରି ହେବ। ଗ୍ରାହକମାନେ ମର୍ଚ୍ଚାଣ୍ଟ ଆଉଟଲେଟରେ ପିଓଏସ୍ ଟର୍ମିନାଲ୍ ଦ୍ୱାରା ତିଆରି ହୋଇଥିବା ସେଲ୍ସ ସ୍ଲିପରେ ସ୍ୱାକ୍ଷର କରିବା ଆବଶ୍ୟକ। ମର୍ଚ୍ଚାଣ୍ଟ ଆଉଟଲେଟ୍ ଦ୍ୱାରା ମାଲ୍ / ସେବା ସହିତ ସମ୍ପର୍କିତ କୌଣସି ବିଷୟ ପାଇଁ ବ୍ୟାଙ୍କ ଦାୟୀ ରହିବ ନାହିଁ। (ଯାହା କୌଣସି ତ୍ରୁଟି, ବିଳମ୍ବିତ ପ୍ରଦାନ, ଖରାପ ଗୁଣବତ୍ତା ସହିତ ସୀମିତ ନହୋଇ) ଏବଂ ଏପରି କୌଣସି ବିବାଦୀୟ ପରିସ୍ଥିତି ପାଇଁ ମର୍ଚ୍ଚାଣ୍ଟ ଓ ଗ୍ରାହକଙ୍କ ମଧ୍ୟରେ ସମାଧାନ କରାଯିବ।

ବ୍ୟାଙ୍କ ସର୍ବନିମ୍ନ/ ସର୍ବାଧିକ ପରିମାଣ ସୀମା ଧାର୍ଯ୍ୟ କରିବା ପାଇଁ ଅଧିକାର ରଖିଛି ଯାହା କାର୍ଡ଼ର ଉପଯୋଗ ଦ୍ୱାରା ଦିନ ଅନୁସାରେ ସଞ୍ଚାଳିତ ବ୍ୟବସ୍ଥା ପ୍ରକାରେ ବା ସେପରି ସୀମା ଅନୁସାରେ ହୋଇପାରେ ଏବଂ ଏହା ଆକାଉଣ୍ଟରେ ଥିବା ବାଲାନ୍ସର ଉପଲବ୍ଧତା ଆଧାରିତ ହେବ। ଅନୁରୂପ ଭାବରେ ଦୈନିକ ସର୍ବନିମ୍ନ ଓ ସର୍ବାଧିକ ସଞ୍ଚାଳନ ସୀମା ସବୁ ଏଟିଏମ ଗୁଡ଼ିକ ପାଇଁ ଲାଗୁ ହେବ ଏବଂ ଭିନ୍ନ ଭିନ୍ନ ବ୍ୟାଙ୍କ ପାଇଁ ସେମାନଙ୍କର ଏଟିଏମ୍ ପାଇଁ ଭିନ୍ନ ଭିନ୍ନ ରହିବ। ଏହା ବ୍ୟତୀତ ଗୋଟିଏ ଦେଶରୁ ଅନ୍ୟ ଦେଶ ଓ ସମୟକୁ ସମୟ ଅନୁସାରେ ଏହି ବ୍ୟବସ୍ଥା ମଧ୍ୟ ଲାଗୁ ହେବ। ଭିନ୍ନ ଭିନ୍ନ ଏଟିଏମ୍ / ନେଟୱାର୍କ ଜରିଆରେ ସଞ୍ଚାଳନ ପାଇଁ ଏହିସବୁ ସୀମା ଗୁଡ଼ିକର ଅସମାନତା ହେତୁ କ୍ଷତିଗ୍ରସ୍ତ ହୋଇଥିବା ଗ୍ରାହକଙ୍କ ଅସୁବିଧା ବା କୌଣସି କ୍ଷତି ପାଇଁ ବ୍ୟାଙ୍କ ଦାୟୀ ରହିବ ନାହିଁ।

ବ୍ୟାଙ୍କ ସେ ପ୍ରକାର କୌଣସି ଆକାଉଣ୍ଟ ଏବଂ ଡେବିଟ୍ କାର୍ଡ୍/ ଚିପ୍ ଡେବିଟ୍ କାର୍ଡ ଯାହାକୁ ଗ୍ରାହକଙ୍କୁ ପ୍ରଦାନ କରାଯାଇଛି ସେଥିରେ କୌଣସି ଅଣପ୍ରାଧୀକୃତ ସଞ୍ଚାଳନ ଅଧୀନରେ ଆସୁଥିବା କୌଣସି ସଞ୍ଚାଳନକୁ ବିଳମ୍ବିତ କରିବା ପାଇଁ ବ୍ୟାଙ୍କ ଅଧିକାର ବଜାୟ ରଖିଛି କିମ୍ବା ଯଦି ସେହି କାର୍ଡ଼ ପାଇଁ ପ୍ରଯୁଜ୍ୟ ରହିଥିବା ସୀମା ଉଲଂଘନ ହୋଇଥାଏ। ଇଣ୍ଟରନାସନାଲ୍ ଡେବିଟ୍ କାର୍ଡ୍/ ଚିପ୍ ଡେବିଟ୍ କାର୍ଡ଼କୁ କେବଳ ଏଫଇଏମଏ ରୁଲ୍ 1999 ଦ୍ୱାରା ପରିଚାଳିତ ପ୍ରକାରେ ଅନୁମୋଦନୀୟ କରେଣ୍ଟ ଆକାଉଣ୍ଟ ଟ୍ରାନ୍‌ଜାକ୍‌ସନ ପାଇଁ କେବଳ ବ୍ୟବହାର କରାଯାଇପାରିବ, ଅତିରିକ୍ତ ଭାବରେ ସେପରି କୌଣସି ସଞ୍ଚାଳନ ବିଷୟ ଆରବିଆଇ କିମ୍ବା ଭାରତ ସରକାରଙ୍କ ଦ୍ୱାରା ସମୟକୁ ସମୟରେ ବ୍ୟବସ୍ଥିତ ନୀତି ଓ ନିୟାମକ ଦ୍ୱାରା ଅନୁପାଳିତ ହେବ ଏବଂ ଗ୍ରାହକ କୌଣସି ଜରିମାନା/ ଉପରୋକ୍ତ ନୀତି/ ନିୟମ ଅନୁପାଳନ ନକରିଥିବ ହେତୁ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାହକ ଦାୟୀ ରହିବେ।

ଲିବରାଲାଇଜ୍ଡ ରେମିଟାନ୍‌ସ ସ୍କିମ୍ (ଏଲଆରଏସ୍) ଅଧୀନରେ ଆାବସିକ ବ୍ୟକ୍ତି ବିଶେଷଙ୍କ ପାଇଁ ଏଲଆରଏସ୍ ଅଧୀନରେ ପ୍ରତ୍ୟେକ ରେମିଟାନ୍‌ସ ଟ୍ରାନ୍‌ଜାକ୍‌ସନ ପାଇଁ ପରମାନେଣ୍ଟ ଆକାଉଣ୍ଟ ନମ୍ବର (ପିଏଏନ୍) ପ୍ରଦାନ କରିବା ବାଧ୍ୟତାମୂଳକ ଅଟେ। ଏହା ନଥିଲେ ଡେବିଟ୍ କାର୍ଡ଼ ଉପରେ ଇଣ୍ଟରନାସନାଲ୍ ଟ୍ରାନ୍‌ଜାକ୍‌ସନକୁ ବ୍ୟାଙ୍କ ବିଚ୍ଛିନ୍ନ କରିଦେବ।

ଅନୁମୋଦନୀୟ ସୀମା ଏବଂ/କିମ୍ବା କୌଣସି ସନ୍ଦେହାସ୍ପଦ ବିଷୟ ସହିତ କିମ୍ବା ଭାରତରେ ପ୍ରଯୁଜ୍ୟ ନୀତି ଓ ନିୟାମକର ବିଶୃଙ୍ଖଳା ଏବଂ/ କିମ୍ବା ଦେଶ ପାଇଁ ପ୍ରଯୁଜ୍ୟ ନୀତି ଉଲଂଘନ ବାହାରେ କୌଣସି ଏଟିଏମ୍/ ପିଓଏସ୍ ସୁବିଧାର ଉପଯୋଗ ଯେଉଁଠାରେ ଉକ୍ତ କାର୍ଡ଼ ବ୍ୟବହାର କେବଳ ନିଜ ଦାୟୀତ୍ୱ, ଆପଦ ଏବଂ ଗ୍ରାହକଙ୍କ ସମ୍ପୂର୍ଣ ଦାୟୀତ୍ୱରେ ରହିବ ଓ ବ୍ୟାଙ୍କ ସେ ପ୍ରକାର କୌଣସି କାର୍ଯ୍ୟ କିମ୍ବା କାର୍ଯ୍ୟକାରୀତା କିମ୍ବା ବର୍ଜନତା ପାଇଁ ଦାୟୀ ରହିବ ନାହିଁ, ଯାହା କରାଯାଇଥିବ, ଜାଣତରେ କିମ୍ବା ଅନ୍ୟ କୌଣସି ଭାବରେ ହୋଇଥାଏ।

ଗ୍ରାହକ ଏହା ସୁନିଶ୍ଚିତ କରିବେ ଯେ ତାଙ୍କ ଆକାଉଣ୍ଟରେ ସଦା ସର୍ବଦା ପର୍ଯ୍ୟାପ୍ତ ବାଲାନ୍‌ସ ଗଚ୍ଛିତ ରହିଛି ଓ କୌଣସି ଏଟିଏମରୁ ସେ ନଗଦ ଉଠାଣ ପୂର୍ବରୁ ବ୍ୟାଙ୍କର ଆକାଉଣ୍ଟକୁ ଭଲ ଭାବରେ ଯାଞ୍ଚ କରିବା ଉଚିତ୍, ସେହିପରି ଡେବିଟ୍ କାର୍ଡ୍/ ଚିପ୍ ଡେବିଟ୍ କାର୍ଡ଼ ଜରିଆରେ କୌଣସି ମର୍ଚ୍ଚାଣ୍ଟ ପିଓଏସରେ ସଞ୍ଚାଳନ କିମ୍ବା ଅନଲାଇନ୍ ବା ଉପଲବ୍ଧ ଥିବା ଅନ୍ୟ କୌଣସି ସଞ୍ଚାଳନ କରିବା ପୂର୍ବରୁ ଯାଞ୍ଚ କରିନେବା ଉଚିତ୍। ପର୍ଯ୍ୟାପ୍ତ ବାଲାନ୍‌ସ ନଥିବା ହେତୁ ବ୍ୟାଙ୍କ ଦ୍ୱାରା କୌଣସି ସଞ୍ଚାଳନକୁ ସମ୍ମାନ ଦିଆ ନଯିବା କ୍ଷେତ୍ର ପାଇଁ ବ୍ୟାଙ୍କ ଗ୍ରାହକଙ୍କ ନିମନ୍ତେ ଦାୟଭୁକ୍ତ ରହିବ ନାହିଁ।

ଉକ୍ତ ଡେବିଟ୍ କାର୍ଡ଼କୁ ବିଭିନ୍ନ ଅଣବ୍ୟକ୍ତିଗତ ମାଧ୍ୟମ ଯେପରିକି ଏଟିଏମ, ନେଟ ବ୍ୟାଙ୍କିଂ, ମୋବାଇଲ ବ୍ୟାଙ୍କି, ଚାଟବଟ୍, ଭଏସ୍ ଆଧାରିତ ଚ୍ୟାନେଲ୍, ଆଇଭିଆର ଏବଂ ନନ୍ ବ୍ରାଞ୍ଚ ଡିଜିଟାଲ୍ (ଏନବିଡି) ଚ୍ୟାନେଲରେ ଗ୍ରାହକଙ୍କ ଚିହ୍ନଟ ଏବଂ ସ୍ୱୀକୃତି ଅନୁସାରେ ବ୍ୟବହାର କରାଯାଇ ପାରିବ। ଏହା ବ୍ୟତୀତ ଓଟିପି (ୱାନ୍ ଟାଇମ୍ ପାସୱାର୍ଡ଼), କେତେକ କାର୍ଯ୍ୟକାରୀତା ନିମନ୍ତେ ନେଟବ୍ୟାଙ୍କିଂରେ ପଞ୍ଜୀକରଣ ପାଇଁ ମଧ୍ୟ ଏହାକୁ ଉପଯୋଗ କରାଯାଇପାରିବ।

### . ଖ) ଡେଲିଭରେବଲ୍

ବ୍ୟାଙ୍କ ଗ୍ରାହକଙ୍କୁ ପୃଥକ କୋରିୟର (କିମ୍ବା ଅନ୍ୟ କୌଣସି ଡେଲିଭରି ପ୍ରଣାଳୀ) ରେ ଡେବିଟ୍ କାର୍ଡ୍/ ଚିପ୍ ଡେବିଟ୍ କାର୍ଡ଼ ଓ ପିନ୍ ନମ୍ବରକୁ ପଠାଇବ। ଗ୍ରାହକ ଏହା ଯାଞ୍ଚ କରି ଦେଖିବେ ଯେ କୋରିୟର ଦ୍ୱାରା ଗ୍ରହଣ ହୋଇଥିବା ଏହି କାଗଜାତ ଯେପରି ମୋଡ଼ି ହୋଇନଥାଏ/ ଖୋଲା ଯାଇନଥାଏ କିମ୍ବା ଅସ୍ୱାଭାବିକ ଅବସ୍ଥାରେ ନଥାଏ। ଯଦି କୋରିୟର ପ୍ୟାକେଟଟି ଗ୍ରହଣ କରିବା ସମୟରେ ମୋଡି ହୋଇଥାଏ / ନଷ୍ଟ ହୋଇଥାଏ/ ଖୋଲାଯିବା ଅବସ୍ଥାରେ ରହିଥାଏ ତେବେ ଗ୍ରାହକ ତୁରନ୍ତ ବ୍ୟାଙ୍କକୁ ସୂଚନା ପ୍ରଦାନ କରିବେ କିମ୍ବା ନିକଟତମ ଶାଖାକୁ ପରିଦର୍ଶନ କରିବେ /ଫୋନ୍ ବ୍ୟାଙ୍କିଂ ଜରିଆରେ ଯୋଗାଯୋଗ କରିବା ଆବଶ୍ୟକ।

ଗ୍ରାହକ ଏହା ଧ୍ୟାନ ଦେବା ଆବଶ୍ୟକ ଯେ ଡେବିଟ୍ / ଏଟିଏମ୍ କାର୍ଡ଼ ପାଇଁ ପାସୱାର୍ଡ଼ ୱେଲକମ୍ କିଟ୍ ସହିତ ପଠାଯାଏ ନାହିଁ ଏବଂ ତାହାକୁ ଅନ୍ୟ ଏକ ମେଲର ଜରିଆରେ ଗ୍ରାହକଙ୍କୁ ପଠା ଯାଇଥାଏ। ଡେବିଟ୍ କାର୍ଡ୍/ ଚିପ୍ ଡେବିଟ୍ କାର୍ଡ଼ ଗ୍ରହଣ ଉପରେ ଗ୍ରାହକ ପିଓଏସ୍ ଆଉଟଲେଟରେ ଗ୍ରାହକଙ୍କୁ ସହଜରେ ଚିହ୍ନଟ ପାଇଁ ଏଥିରେ ସ୍ୱାକ୍ଷର କରିବା ଆବଶ୍ୟକ। ଗ୍ରାହକ ଏହା ଧ୍ୟାନ ଦେବା ଆବଶ୍ୟକ ଯେ ଏହି କାର୍ଡ଼ର ଉପଯୋଗୀତା/ ରଖିବା ଅନୁକ୍ରମରେ କୌଣସି ଆର୍ଥିକ ବା ଅନ୍ୟ କିଛି କ୍ଷତି କେବଳ ସେ ନିଜେ ବହନ କରିବେ ଏବଂ ବ୍ୟାଙ୍କ ଏଥିପାଇଁ କୌଣସି ପରିସ୍ଥିତିରେ ଦାୟୀ ରହିବ ନାହିଁ।

ବ୍ୟାଙ୍କ ଗ୍ରାହକଙ୍କ ଡାକ ଠିକଣା/ ଇମେଲ୍/ ମୋବାଇଲ ନମ୍ବର ଯାହାକୁ ବ୍ୟାଙ୍କର ରେକର୍ଡ଼ରେ ଉଲ୍ଲେଖ କରାଯାଇଛି ସେହି ଆଧାରରେ କୌଣସି ପ୍ରଦାନଯୋଗ୍ୟ ବସ୍ତୁ (ଯଥା ଏଟିଏମ୍/ ଡେବିଟ୍ କାର୍ଡ଼/ ଚିପ୍ ଡେବିଟ୍ କାର୍ଡ/ ପିନ୍ ମେଲର) ଜରୁରୀ ସୂଚନା ଓ ଅନ୍ୟାନ୍ୟ ସୂଚନାକୁ ଗ୍ରାହକଙ୍କୁ ପ୍ରେରଣ କରିବ। ଗ୍ରାହକଙ୍କ ଦ୍ୱାରା ତାଙ୍କର ଡାକ ଠିକଣାରେ କୌଣସି ପରିବର୍ତ୍ତନ ଯଦି ହୋଇଥାଏ ଓ ସେ ତାହାକୁ ଯଦି ବ୍ୟାଙ୍କକୁ ସୂଚାଇ ନଥାନ୍ତି ତେବେ ଏହି ହେତୁ ସେ ପ୍ରକାର ସାମଗ୍ରୀ ନପାଇବା/ ତାଙ୍କୁ ନମିଳିବା ଜନିତ କ୍ଷୟ/କ୍ଷତି / ତ୍ରୁଟି ପାଇଁ ଦେଖା ଦେଉଥିବା କୌଣସି କ୍ଷୟ/କ୍ଷତି/ ଅସୁବିଧା ପାଇଁ ବ୍ୟାଙ୍କ ଦାୟୀ ରହିବ ନାହିଁ।

### ଗ) କାର୍ଡ଼ର ସୁରକ୍ଷା

ବ୍ୟାଙ୍କ ଆରବିଆଇ ମ୍ୟାଣ୍ଡେଟ୍ ଅନୁସାରେ ଚିପ୍ ସକ୍ଷମ ଡେବିଟ୍ କାର୍ଡ଼ ଜାରି କରିବ। ଏହି କାର୍ଡ଼ରେ ଏକ ସୁରକ୍ଷିତ ଉପାୟରେ ସୂଚନା ଗୁଡ଼ିକ ଗଚ୍ଛିତ/ ପ୍ରକ୍ରିୟାକରଣ ଦ୍ୱାରା ଉନ୍ନତ ସୁରକ୍ଷା ବ୍ୟବସ୍ଥା ରହିଥାଏ। ଏହି ଉନ୍ନତ ବୈଷୟିକି ଅଧିକ ଫଳପ୍ରଦ ଭାବରେ କାର୍ଡ଼କୁ ସୁରକ୍ଷା ପ୍ରଦାନ କରିଥାଏ ଓ ନକଲି କାର୍ଡ଼ ତିଆରି କରିବାକୁ ଦେଇ ନଥାଏ।

ଗ୍ରାହକଙ୍କୁ ଜାରି କରାଯାଉଥିବା ଡେବିଟ୍ କାର୍ଡ଼ ଯାହାକୁ ସେକେଣ୍ଡ ଫାକ୍ଟର ପ୍ରମାଣନ ବ୍ୟବହାର କରି ଟ୍ରାନ୍‌ଜାକ୍‌ସନ ନିମନ୍ତେ ଉପଯୋଗ କରାଯାଇପାରିବ ଯାହା ଆବଶ୍ୟକତା ଭିତ୍ତିକ ମାର୍କେଟ୍ ଭାବରେ, ରେଗୁଲାଟୋରି ଓ ବ୍ୟାଙ୍କର ନିଜସ୍ୱ ବ୍ୟାବସାୟିକ କାର୍ଯ୍ୟ ନିମନ୍ତେ ଏବଂ ଏଥିରେ ହୁଏତ ଏକ ପିନ ନମ୍ବରର ପ୍ରକୃତି ରହିପାରେ, ଏକକାଳୀନ ପାସୱାର୍ଡ଼ କିମ୍ବା ଅନ୍ୟ କୌଣସି ସୁରକ୍ଷିତ ଉପାୟ ଯାହାକୁ ରେଗୁଲାଟୋରି ଲକ୍ଷ ଅଧୀନରେ ବ୍ୟାଙ୍କ ଦ୍ୱାରା ସେହି ସମୟରେ ସାବ୍ୟସ୍ତ କରାଯାଇଥାଏ।

ଡେବିଟ୍ କାର୍ଡ୍/ ଚିପ୍ ଡେବିଟ୍ କାର୍ଡ଼ ଜରିଆରେ କୌଣସି ସଞ୍ଚାଳନ ପ୍ରାରମ୍ଭ ସମୟରେ ଗ୍ରାହକଙ୍କ ସ୍ୱୀକୃତିକରଣ ପାଇଁ ଏକ ମେକାନିଜିମ ଭାବରେ ଗ୍ରାହକଙ୍କୁ ପିନ୍ ପ୍ରଦାନ କରାଯାଇଥାଏ। ଗ୍ରାହକଙ୍କୁ ପଠା ଯାଉଥିବା ପିନକୁ ଏକ ମୁଦ ଏନଭଲପରେ ରଖି ଦିଆଯାଏ ଏବଂ ଗ୍ରାହକ ନିଜର ଇଣ୍ଡସଇଣ୍ଡ ୱେବସାଇଟ୍, ଏଟିଏମ୍ କିମ୍ବା ଫୋନ୍ ବ୍ୟାଙ୍କିଂ ଜରିଆରେ ଏହି ପିନକୁ ପରିବର୍ତ୍ତନ କରିପାରିବେ। ଇ-କମର୍ସ ଟ୍ରାନ୍‌ଜାକ୍ସନ ପ୍ରମାଣନ ପାଇଁ ୱାନଟାଇମ୍ ପାସୱାର୍ଡ଼ (ଓଟିପି) କୁ ଗ୍ରାହକଙ୍କ ପଞ୍ଜୀକୃତ ମୋବାଇଲ ନମ୍ବରକୁ ପଠା ଯାଇଥାଏ।

ବ୍ୟାଙ୍କ ଗ୍ରାହକଙ୍କୁ ପିନ୍/ ଓଟିପି ଜାରି କରୁଥିବା ସମୟରେ ଏଥିପ୍ରତି ଯତ୍ନ ନେବା ପାଇଁ ଗ୍ରାହକଙ୍କୁ ଉପଯୁକ୍ତ ପରାମର୍ଶ ଦେଇଥାଏ। ବ୍ୟାଙ୍କ ଆହୁରି ମଧ୍ୟ ଏହା ସୁନିଶ୍ଚିତ କରେ ଯେ ପିନ୍/ କିମ୍ବା ଅନ୍ୟ କୌଣସି ସଂପୃକ୍ତ ତଥ୍ୟ କାର୍ଡ଼ ଧାରୀଙ୍କ ବ୍ୟତୀତ ଅନ୍ୟ କାହାରିକୁ ପ୍ରଦାନ କରାଯାଏ ନାହିଁ।

ଗ୍ରାହକ ପିନ୍/ ଓଟିପି ବ୍ୟବହାର କରି ସ୍ୱୀକୃତିମୂଳକ କୌଣସି ଟ୍ରାନ୍‌ଜାକ୍‌ସନ ସମ୍ପାଦନ ପାଇଁ ବ୍ୟାଙ୍କକୁ ସ୍ୱୀକୃତି ଦେଇ ପାରିବେ ଏବଂ ସଠିକ୍ ପିନ୍ ବ୍ୟବହାର କରି ଗ୍ରାହକଙ୍କ ଡେବିଟ୍ କାର୍ଡ଼/ ଚିପ୍ ଡେବିଟ୍ କାର୍ଡ଼ ଜରିଆରେ କରାଯାଇଥିବା ଯେକୌଣସି ସ୍ୱୀକୃତ ସଞ୍ଚାଳନ ପ୍ରତି ବ୍ୟାଙ୍କ ଦାୟୀ/ ଦାୟବଦ୍ଧତା ରଖିବ ନାହିଁ।

### ଡେବିଟ୍ କାର୍ଡ଼/ ଚିପ୍ ଡେବିଟ କାର୍ଡ଼କୁ ସୁରକ୍ଷିତ ଭାବରେ ରଖିବା

ଗ୍ରାହକମାନେ ଏହା ଧ୍ୟାନ ଦେବା ଆବଶ୍ୟକ ଯେ ଡେବିଟ୍ କାର୍ଡ଼/ ଚିପ୍ ଡେବିଟ୍ କାର୍ଡ଼ ଓ ଏହାର କ୍ରିଡେନ୍‌ସିଆଲ୍‌ସ, ଏଥି ସହିତ ଏବଂ ପିନ୍, ଓଟିପି, କାର୍ଡ଼ ସୂଚନା ଏବଂ ଲଗ୍ଇନ୍ କ୍ରିଡେନ୍‌ସିଆଲ୍ସ ଏବଂ ଫୋନ୍ ବ୍ୟାଙ୍କିଂ କ୍ରିଡେନ୍‌ସିଆଲ୍ ପାଇଁ ସୀମିତ ହୋଇନଥିବା ଏବଂ ଅନ୍ୟାନ୍ୟ ସମସ୍ତ ସୁବିଧା ବିଶିଷ୍ଟ ଟୁଲ୍ ଯାହା ମାଧ୍ୟମରେ କୌଣସି ଆର୍ଥିକ ସଞ୍ଚାଳନ କାର୍ଯ୍ୟ ବ୍ୟାଙ୍କର ଆକାଉଣ୍ଟ ସହିତ କରାଯିବାକୁ ଥାଏ। ଗ୍ରାହକ ତାଙ୍କର କାର୍ଡ଼କୁ ନିଜେ ସୁରକ୍ଷିତ କରି ରଖିବା ପାଇଁ ଦାୟୀ ରହିବେ ଓ ତାହାକୁ ଏପରି ଭାବରେ ଗୋପନୀୟ କରି ରଖିବେ ଯେ ଯେପରି ତାହା ଭବିଷ୍ୟତରେ ସେବା ପ୍ରଦାନ ପାଇଁ ଉପଯୁକ୍ତ ହୋଇ ରହିବ। ଗ୍ରାହକ ତାଙ୍କର ଏହିସବୁ କ୍ରିଡେନ୍‌ସିଆଲ୍‌ସ ଗୁଡ଼ିକୁ କୌଣସି ପରିସ୍ଥିତିରେ ଅନ୍ୟ କାହାରି ଆଗରେ ପରିପ୍ରକାଶ କରିବେ ନାହିଁ।

ଗ୍ରାହକଙ୍କୁ ପ୍ରଦାନ କରାଯିବାକୁ ଥିବା ସମସ୍ତ ପ୍ରଦାନଯୋଗ୍ୟ ବିଷୟ ଗୁଡ଼ିକ ସହିତ ୱେଲକମ୍ କିଟକୁ ପ୍ରେରଣ କରାଯିବ କିମ୍ବା ସ୍ୱାଧୀନ ମେଲର ଜରିଆରେ ପରବର୍ତ୍ତୀ ୱେଲକମ୍ କିଟକୁ ପ୍ରେରଣ କରାଯିବ। ଗ୍ରାହକ ଧ୍ୟାନ ଦେବା ଆବଶ୍ୟକ ଯେ ଏହି ଡେଲିଭରେବଲ୍ ଗୁଡ଼ିକ କେବଳ ଗ୍ରାହକଙ୍କ ଯୋଗାଯୋଗ ଠିକଣାଜରିଆରେ ପଠାଯିବ ଯେଉଁଥିରେ ବ୍ୟାଙ୍କ ସହିତ ପଞ୍ଜୀକୃତ ଏବଂ କେୱାଇସି ନିୟମାବଳୀର ଅଂଶଗୁଡ଼ିକୁ ଯାଞ୍ଚ କରାଯାଇଥିବା ପ୍ରକାରେ ଦିଆଯାଇଥିବ।

ବ୍ୟାଙ୍କ ବ୍ୟକ୍ତିଗତ ମେଲ୍ ଜରିଆରେ/ ପାସୱାର୍ଡ଼ / ପିନ୍ ଦାବୀ କରୁଥିବା ଆଗ୍ରହୀ ଗ୍ରାହକମାନଙ୍କୁ ସୁରକ୍ଷା ଦୃଷ୍ଟିକୋଣରୁ ଏହାକୁ ପ୍ରଦାନ କରିବା ପାଇଁ ନିରୁତ୍ସାହିତ କରିବ। ଏହି କାରଣରୁ ଗ୍ରାହକମାନଙ୍କ ପାଇଁ କିଛି ବିକଳ୍ପ ରହିବ ଯେ ସେମାନେ କିଛି ନିର୍ଦ୍ଧାରିତ ବ୍ୟକ୍ତିଗତ ବିବରଣୀକୁ ଦାଖଲ କରିବା ପରେ ଏଟିଏମ ଜରିଆରେ/

ଅନଲାଇନରେ ପିନ୍ ତିଆରି କରିବା ସୁବିଧା ପାଇପାରିବେ। ଅନ୍ୟ ପକ୍ଷରେ ଯଦି ଗ୍ରାହକ ବ୍ୟକ୍ତିଗତ ଭାବରେ ତାଙ୍କର ପିନକୁ ମେଲର ଜରିଆରେ ପଠାଇବାକୁ ଆବଶ୍ୟକ କରନ୍ତି ତେବେ ବ୍ୟାଙ୍କ ଜାଲିଆତି/ ଅପବ୍ୟବହାର ଯୋଗୁଁ ହେଉଥିବା କୌଣସି ସମସ୍ୟା ପାଇଁ ଦାୟୀ ରହିବ ନାହିଁ। ଡେବିଟ୍ କାର୍ଡ଼/ ଚିପ୍ ଡେବିଟ୍ କାର୍ଡ଼ ପ୍ରାପ୍ତି ଉପରେ ଗ୍ରାହକ ତାଙ୍କୁ ପିଓଏସ ଆଉଟଲେଟରେ ସହଜରେ ଚିହ୍ନଟ ପାଇଁ ଏଥିରେ ସ୍ୱାକ୍ଷର କରିବା ଆବଶ୍ୟକ। ପ୍ରାରମ୍ଭିକ ପାସୱାର୍ଡ଼/ ପିନକୁ ତୁରନ୍ତ ବଦଳାଇବା ଉଚିତ୍।

ଗ୍ରାହକ ଏହା ସୁନିଶ୍ଚିତ କରିବେ ଯେ ଡେବିଟ୍ କାର୍ଡ଼/ ଚିପ୍ ଡେବିଟ୍ କାର୍ଡ଼ ବିବରଣୀ, ପିନ୍ ବିବରଣୀ, ଓଟିପିକୁ କେବଳ କାର୍ଡ଼ଧାରୀ ଜାଣିଛନ୍ତି ଏବଂ କାର୍ଡ଼ଧାରୀ କୌଣସି ପରିସ୍ଥିତିରେ ଏହାକୁ ଅନ୍ୟ କାହା ଆଗରେ ଉନ୍ମୋଚନ ବା ପ୍ରକାଶ କରିବେ ନାହିଁ ଏବଂ ପିନ୍/ ଓଟିପିକୁ ଗୋପନୀୟ ଭାବରେ ରଖିବେ। ଆକାଉଣ୍ଟ ସମାପ୍ତ ହେବା/ କାର୍ଡ଼ ସମର୍ପଣ କରିବା ଉପରେ ଗ୍ରାହକ ତାଙ୍କର ଡେବିଟ୍ କାର୍ଡ଼/ ଚିପ୍ ଡେବିଟ୍ କାର୍ଡ଼କୁ ବ୍ୟାଙ୍କ ଶାଖା ପରିସର ମଧ୍ୟରେ ପ୍ରାଧୀକୃତ ବ୍ୟାଙ୍କ ଅଧିକାରୀଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ହସ୍ତାନ୍ତର କରିବେ ନାହିଁ।

ଗ୍ରାହକ ତାଙ୍କର ଡେବିଟ୍ କାର୍ଡ଼/ ଚିପ୍ ଡେବିଟ୍ କାର୍ଡ଼ ଓ ପିନକୁ ସୁରକ୍ଷିତ କରି ରଖିବା ପାଇଁ ଦାୟୀ ରହିବେ। ଗ୍ରାହକ ଏହା ସୁନିଶ୍ଚିତ କରିବେ ଯେ ଏଟିଏମ୍/ ପିଓଏସ୍ ରେ କାର୍ଡ଼ ପ୍ରବେଶ କରାଉଥିବା ସମୟରେ ତାଙ୍କର ପିନକୁ ଯେପରି କେହି ଦେଖୁ ନାହାନ୍ତି।

ଗ୍ରାହକଙ୍କୁ ସବୁ ସମୟରେ ତାଙ୍କ କାର୍ଡ଼ର ଯତ୍ନ ନେବା ପାଇଁ ପରାମର୍ଶ ଦିଆଯିବା ସହିତ ଏହା ସୁନିଶ୍ଚିତ କରିବାକୁ କୁହାଯାଉଛି ଯେ ପିନ୍ ଏବଂ ତାଙ୍କର କାର୍ଡ଼କୁ ସେମାନେ ପୃଥକ ଭାବରେ ରଖନ୍ତୁ ଯେପରି କୌଣସି ଜାଲିଆତିମୂଳକ କାରବାର ଏହି ଡେବିଟ୍ କାର୍ଡ଼ ବ୍ୟବହାର କରାଯାଇ ହେବ ନାହିଁ। ଗ୍ରାହକଙ୍କୁ ଆଉ ମଧ ପରାମର୍ଶ ଦିଆଯାଉଛି ଯେ ସେମାନେ ତାଙ୍କର ପିନକୁ ମନେ ରଖନ୍ତୁ ଏବଂ କୌଣସି ସ୍ଥାନରେ ଲେଖି ରଖନ୍ତୁ ନାହିଁ ଯଦ୍ୱାରା ଗ୍ରାହକଙ୍କ ଆକାଉଣ୍ଟ ସୁରକ୍ଷିତ ହୋଇପାରିବ।

କାର୍ଡ଼ଧାରୀ ଏକ ସ୍ୱୀକାରନାମା ଅଧୀନରେ ଏହିସବୁ ଉପଯୁକ୍ତ ପଦକ୍ଷେପ ଗୁଡ଼ିକୁ ପାଳନ କରି କାର୍ଡ଼କୁ ସୁରକ୍ଷିତ ରଖିବେ ଏବଂ ପିନ୍ କିମ୍ବା କୋଡ଼କୁ କୌଣସି ମାଧ୍ୟମରେ ରେକର୍ଡ଼ କରି ରଖିବେ ନାହିଁ ଯାହାକୁ ଜାଣି ହୋଇ ପାରୁଥିବା ବା ଅନ୍ୟ ପକ୍ଷରେ କୌଣସି ତୃତୀୟ ପକ୍ଷଙ୍କ ଦ୍ୱାରା ବୁଝି ହେଉଥିବ ଯାହାକୁ ସଚ୍ଚୋଟ ବା ଠକାମି ମାଧ୍ୟମରେ ଜଣାଯାଇ ପାରୁଥିବ।

## ଘ) ଟ୍ରାନ୍ଜାକ୍ସନ ସୂଚନା ଓ ଅନ୍ୟାନ୍ୟ ଯୋଗାଯୋଗ

ନିୟାମକ ନିର୍ଦ୍ଦେଶାବଳୀ ଅନୁସାରେ ଡେବିଟ୍ କାର୍ଡ଼ ବ୍ୟବହାର କରି କାରବାର ପାଇଁ ଗ୍ରାହକଙ୍କୁ ବ୍ୟାଙ୍କରେ ରେକର୍ଡ଼ରେ ଉପଲବ୍ଧ ଥିବା ଏସଏମଏସ୍ ଓ ଇମେଲ୍ ଆଲର୍ଟ ପଠାଯାଏ। ହ୍ୱାଟ୍ସଆପ୍ ଓ ଅନ୍ୟାନ୍ୟ ଡିଜିଟାଲ୍ ଚାନେଲ୍ ମାଧ୍ୟମରେ ମଧ ଏହି ଆଲର୍ଟ ପଠା ଯାଇଥାଏ। ଏଥି ସହିତ ଡେବିଟ୍ କାର୍ଡ଼ ସମ୍ବନ୍ଧୀୟ ଅନ୍ୟାନ୍ୟ ବିଜ୍ଞପ୍ତି / ଯୋଗାଯୋଗ ଗ୍ରାହକଙ୍କ ପଞ୍ଜୀକୃତ ମୋବାଇଲ ନମ୍ବର ଏବଂ ଇମେଲ୍ ଆଇଡି ଜରିଆରେ ମଧ ପଠାଯାଏ। ଗ୍ରାହକଙ୍କ ଦ୍ୱାରା ଇମେଲ୍ ଆଇଡି/ ମୋବାଇଲ ନମ୍ବରରେ ପରିବର୍ତ୍ତନ ହୋଇଥିବା ସୂଚନା ନମିଳିବା ଯୋଗୁଁ କୌଣସି କ୍ଷତି /ନମିଳିବା/ ନଷ୍ଟ ହେବା କାରଣ ପାଇଁ ବ୍ୟାଙ୍କ ଦାୟୀ ରହିବ ନାହିଁ ଯାହା ଏହିପରି ଇ–ମେଲ୍ ଆଇଡି/ ମୋବାଇଲ୍ ନମ୍ବରର ପରିବର୍ତ୍ତନ ହୋଇଥିବା କାରଣରୁ ହୋଇଥିବ।

ଗ୍ରାହକ ଫୋନ୍ ବ୍ୟାଙ୍କିଂ ବିକଳ୍ପ କିମ୍ବା ବ୍ୟାଙ୍କର ଇଣ୍ଟରନେଟ୍ / ମୋବାଇଲ୍ ବ୍ୟାଙ୍କିଂ ବ୍ୟବହାର କରି ତାଙ୍କର ଡେବିଟ୍ କାର୍ଡ଼/ ଚିପ୍ ଡେବିଟ୍ କାର୍ଡ଼ ଦ୍ୱାରା କରିଥିବା ସଞ୍ଚାଳନର ଇତିହାସ ପ୍ରାପ୍ତ କରିପାରିବେ। ଗ୍ରାହକ ଏହା ମଧ ସୁନିଶ୍ଚିତ କରିବେ ଯେ ଏହି ଷ୍ଟେଟମେଣ୍ଟରେ କୌଣସି ତ୍ରୁଟି/ ଅନିୟମିତତା ବିଷୟକୁ ସେ 15 ଦିନ ମଧ୍ୟରେ ଗ୍ରାହକଙ୍କ ଦ୍ୱାରା ରିଭର୍ଟ ନହେଲେ ବ୍ୟାଙ୍କ ଏହି ବିବରଣୀକୁ ସଠିକ୍ ବୋଲି ବିବେଚନା କରିବେ।

## ଙ) କାର୍ଡ଼ର କ୍ଷତି / ଠକେଇ

ନିମ୍ନଲିଖିତ ଘଟଣା ଗୁଡ଼ିକ ଦେଖା ଦେବା କ୍ଷେତ୍ରରେ ଗ୍ରାହକ ବ୍ୟାଙ୍କକୁ ଜଣାଇବାକୁ ପରାମର୍ଶ ଦିଆଯାଉଛି।

କ. କାର୍ଡ଼ ହରାଇବା କିମ୍ବା ଚୋରି ହୋଇଯିବା କିମ୍ବା କାର୍ଡ଼ ତଥ୍ୟର ସ୍କିମିଂ କିମ୍ବା କପି ହୋଇଥିବା ଜଣାଗଲେ।

ଖ. ଗ୍ରାହକଙ୍କ ଆକାଉଣ୍ଟରେ ଏକ ଅଣପ୍ରାଧୀକୃତ କାରବାର ହୋଇଥିବା ଜଣାଗଲେ

ସେ କ୍ଷେତ୍ରରେ ଗ୍ରାହକ ତୁରନ୍ତ ବ୍ୟାଙ୍କକୁ ଜଣାଇବା ଆବଶ୍ୟକ (ଫୋନ୍ ବ୍ୟାଙ୍କିଂ ମାଧ୍ୟମରେ/ ନିକଟତମ ଶାଖାକୁ ପରିଦର୍ଶନ କରି/ ଅନ୍ୟ କୌଣସି ବୈଧ ଯୋଗାଯୋଗ ମାଧ୍ୟମରେ) ଏପରି ପରିସ୍ଥିତି ସମ୍ପର୍କରେ ରିପୋର୍ଟ କରିପାରିବେ।

କାର୍ଡ଼ ସେବା ସମ୍ବନ୍ଧୀୟ କାରଣ ଗୁଡ଼ିକ ପାଇଁ ଗ୍ରାହକଙ୍କ ନିମନ୍ତେ ନିମ୍ନଲିଖିତ ମାଧ୍ୟମ ଗୁଡ଼ିକ ଉପଲବ୍ଧ ହେବ :

i. ଶାଖା : କାର୍ଡ଼ଧାରୀ ନିକଟତମ ଶାଖାକୁ ଆସି ଏକ ଅଭିଯୋଗ ଦାଖଲ କରିବେ କିମ୍ବା ଅନୁରୋଧ କରି ତାଙ୍କର ହଜି ଯାଇଥିବା/ ଚୋରି ହୋଇ ଯାଇଥିବା କାର୍ଡ଼କୁ ହଟ ଲିଷ୍ଟ କରିବେ।

ii. କେନ୍ଦ୍ର ସହିତ ଯୋଗାଯୋଗ : ବ୍ୟାଙ୍କର ଉଭୟ ଟୋଲ୍ ଫ୍ରି ଓ ଟୋଲ୍ ନମ୍ବର ସହିତ ଏହାର 24ତ7କଲ୍ ସେଣ୍ଟର ରହିଛି। ଗ୍ରାହକ ବ୍ୟାଙ୍କକୁ ଯେକୌଣସି ସମୟରେ ଦିନ ହେଉ କିମ୍ବା ରାତିରେ କଲ୍ କରିପାରିବେ ଏବଂ ଏଠାରେ ଏକ ଅଭିଯୋଗ କିମ୍ବା ଅନୁରୋଧ ଦାଖଲ କରିପାରିବେ। ଚୋରି ହୋଇଥିବା/ ହଜି ଯାଇଥିବା କାର୍ଡ଼ର ହଟ୍‌ଲିଷ୍ଟିଂ କାର୍ଯ୍ୟ ମଧ ଏଠାରେ ଉପଲବ୍ଧ ହୋଇଥାଏ।

iii. ଇଣ୍ଡସନେଟ୍/ ଇଣ୍ଡସ ମୋବାଇଲ୍ : ଗ୍ରାହକମାନେ ମଧ ଡିଜିଟାଲ୍ ଚ୍ୟାନେଲ ବ୍ୟବହାର କରି ସେମାନଙ୍କର ଡେବିଟ୍ କାର୍ଡ଼କୁ ବ୍ଲକ୍ କରିପାରିବେ, ନୂଆ କାର୍ଡ଼ ପରିବର୍ତ୍ତନ କରିପାରିବେ, ସଞ୍ଚାଳନ ସୀମା ଇତ୍ୟାଦିକୁ ପରିଚାଳନା କରିପାରିବେ।

iv. ଏସଏମଏସ୍ ସର୍ଭିସ୍ : ଗ୍ରାହକ ତାଙ୍କର ଡେବିଟ୍ କାର୍ଡ଼କୁ ବ୍ଲକ୍ କରିବା ପାଇଁ ଏସଏମଏସ୍ ସର୍ଭିସ୍ ମଧ ବ୍ୟବହାର କରିପାରିବେ।

ଗ୍ରାହକଙ୍କ ଦ୍ୱାରା ଚୋରି ହୋଇଥିବା/ ହଜି ଯାଇଥିବା କାର୍ଡ଼ ସମ୍ପର୍କରେ ରିପୋର୍ଟ ପୂର୍ବରୁ ହଜି ଯାଇଥିବା କାର୍ଡ଼ର ଅପବ୍ୟବହାର / ଭୁଲ୍ ହାତରେ ପଡ଼ିଥିବା ଏହି କାର୍ଡ଼/ କାର୍ଡ଼ର ଏହି ଅପବ୍ୟବହାରଜନିତ ଜାଲିଆତିମୂଳକ ଠକେଇ/ ଅସତ୍ ଉପଯୋଗ ପାଇଁ ବ୍ୟାଙ୍କ ଦାୟୀ ରହିବ ନାହିଁ।

ଯଦି ଗ୍ରାହକ ଏହି କ୍ଷତି, ଚୋରି କିମ୍ବା ଡେବିଟ୍ କାର୍ଡ଼ର କ୍ୟାପଚର ସମ୍ପର୍କରେ ସୂଚନା ପ୍ରଦାନ କରନ୍ତି ତେବେ ତାଙ୍କର ଡେବିଟ୍ କାର୍ଡ଼କୁ ଏକ ସଦ୍ୟ କାର୍ଡ଼ ଭାବରେ ଜାରି କରାଯିବ (ପ୍ରଯୁଜ୍ୟ ଅନୁସାରେ ଚାର୍ଜ ସହିତ) ଓ ବ୍ୟାଙ୍କ ତାହାକୁ ଗ୍ରାହକଙ୍କ ପଞ୍ଜୀକୃତ ଠିକଣାରେ ପଠାଇବ।

## ଚ) ସମାପ୍ତି

ଡେବିଟ୍ କାର୍ଡ଼/ ଚିପ୍ ଡେବିଟ୍ କାର୍ଡ଼କୁ ବନ୍ଦ କରିବା ପାଇଁ ଗ୍ରାହକ ଲିଖିତ ଆକାରରେ ବ୍ୟାଙ୍କକୁ ଅନୁରୋଧ କରିପାରିବେ। ବ୍ୟାଙ୍କ ଦ୍ୱାରା ଗ୍ରାହକଙ୍କ ସମାପ୍ତି ଅନୁରୋଧ ଗ୍ରହଣ ସମୟ ପର୍ଯ୍ୟନ୍ତ ଡେବିଟ୍ କାର୍ଡ଼/ ଚିପ୍ ଡେବିଟ୍ କାର୍ଡ଼ ବିରୁଦ୍ଧରେ ବିଚାରାଧୀନ ଥିବା କୌଣସି ଦେୟମୁକ୍ତ କରିବାକୁ ଗ୍ରାହକ ଦାୟୀ ରହିବେ। ଗ୍ରାହକଙ୍କ ଆକାଉଣ୍ଟରେ ଉପଲବ୍ଧ ଯେକୌଣସି ଋଣ ବିପକ୍ଷରେ ଯେକୌଣସି ବିଚାରାଧୀନ ଦେୟ ପ୍ରଦାନ କରିବାକୁ ବ୍ୟାଙ୍କ ଅଧୀକାର ବଜାୟ ରଖିଛି।

ଗ୍ରାହକ ତାଙ୍କର ଡେବିଟ୍ କାର୍ଡ଼/ ଚିପ୍ ଡେବିଟ୍ କାର୍ଡ଼କୁ ଦୁଇ ଖଣ୍ଡ କରି କାଟିବେ ଏବଂ ଏହାର ମ୍ୟାଗ୍ନେଟିକ୍ ଷ୍ଟ୍ରିପ୍‌କୁ ନଷ୍ଟ କରିବେ ଏବଂ ଚିପକୁ ସମର୍ପଣ କରିବେ/ ସମାପ୍ତ କରିବେ / କାର୍ଡ଼କୁ ହଟଲିଷ୍ଟିଂ କରିବେ। ଆକାଉଣ୍ଟ ସମାପ୍ତ କରିବା କ୍ଷେତ୍ରରେ ଗ୍ରାହକ ତାଙ୍କର ଏଟିଏମ୍/ ଡେବିଟ୍ କାର୍ଡ଼/ ଚିପ୍ ଡେବିଟ୍ କାର୍ଡ଼ ବ୍ୟାଙ୍କକୁ ଫେରସ୍ତ କରିବେ। ଏ ପ୍ରକାର ଇନଷ୍ଟ୍ରୁମେଣ୍ଟର କ୍ଷତି ହେତୁ ଗ୍ରାହକଙ୍କ ହୋଇଥିବା କୌଣସି କ୍ଷତି ପାଇଁ ବ୍ୟାଙ୍କ ଦାୟୀ ରହିବ ନାହିଁ।

ଯଦି କୌଣସି ଗ୍ରାହକ ତାଙ୍କର ବ୍ୟାଙ୍କ ଆକାଉଣ୍ଟ ବନ୍ଦ କରନ୍ତି ତେବେ କାର୍ଡ଼ଟି ନିଷ୍କ୍ରିୟ ହୋଇଯାଏ ଓ ଏଥିପାଇଁ ଗ୍ରାହକଙ୍କୁ ତୁରନ୍ତ ତାଙ୍କର କାର୍ଡ଼କୁ ନଷ୍ଟ କରିଦେବାକୁ ପରାମର୍ଶ ଦିଆଯାଇଥାଏ।

ଛ) ବୈଧତା

କାର୍ଡ଼ଟି ମାସର ଶେଷ କାର୍ଯ୍ୟ ଦିବସ ପର୍ଯ୍ୟନ୍ତ ବୈଧ ରହିଥାଏ। ଏହି କାର୍ଡ଼ଟି କାର୍ଡ଼ର ସମ୍ମୁଖ ଭାଗରେ ରହିଥିବା ତାରିଖ ପର୍ଯ୍ୟନ୍ତ କାର୍ଯ୍ୟ କରେ। ବ୍ୟାଙ୍କ ବିଦ୍ୟମାନ କାର୍ଡ଼ର ବୈଧତା ବୃଦ୍ଧି କରିପାରେ କିମ୍ବା ତାହାକୁ ବଦଳାଇପାରେ ଯାହା ତାର ଏକକ ନିଷ୍ପତ୍ତି ଅଧୀନ ଓ ସେଥିପାଇଁ ସମୟକୁ ସମୟରେ ବ୍ୟାଙ୍କର ଏକକ ନିଷ୍ପତ୍ତି ଅଧୀନରେ ବିବେଚିତ ପ୍ରକାରେ ଫି ଓ ଚାର୍ଜ ଲାଗୁ କରାଯାଇପାରେ।

ଜ) **ବୈଶିଷ୍ଟ୍ୟ ଓ ଦେୟ :**

- ଦେୟ :

  ଯେକୌଣସି ଏଟିଏମ୍/ ପିଓଏସ୍ / ଅନ୍ୟାନ୍ୟ ଉପକରଣରେ କାର୍ଡ଼ର ବ୍ୟବହାର ପାଇଁ ଏକ ସେବା ଚାର୍ଜ ଏବଂ/ କିମ୍ବା କାରବାର ଶୁଳ୍କ ଏବଂ ସଂପୃକ୍ତ ଆକାଉଣ୍ଟର ପ୍ରକ୍ରିୟାକରଣ ଏବଂ/ କିମ୍ବା ରୂପାନ୍ତର ଶୁଳ୍କ ଆଦାୟ କରାଯାଇପାରେ। କାର୍ଡ଼ରେ କାରବାର ପାଇଁ ଯେକୌଣସି ଚାର୍ଜ/ ଫି / ରୂପାନ୍ତର ଚାର୍ଜ ସଂପୃକ୍ତ ଆକାଉଣ୍ଟରୁ ଡେବିଟ୍ ହୋଇଥାଏ ଏବଂ ଗ୍ରାହକ ସେହି ଦେୟ ଦେବା ପାଇଁ ଦାୟୀ ରହିଥାନ୍ତି।

  ଡେବିଟ୍ କାର୍ଡ଼/ ଚିପ୍ ଡେବିଟ୍ କାର୍ଡ଼ ପ୍ରଦାନ / ବ୍ୟବହାର / ପ୍ରତିସ୍ଥାପନ/ ହଟ-ଲିଷ୍ଟିଂ ଇତ୍ୟାଦି ପାଇଁ ଦେୟ / ଅନ୍ୟାନ୍ୟ ଶୁଳ୍କ ୱେବସାଇଟରେ ଉପଲବ୍ଧ ଚାର୍ଜର ସୂଚୀ ଅନୁସାରେ ହୋଇଥାଏ।

- ପୁରସ୍କାର କାର୍ଯ୍ୟକ୍ରମ

  ବ୍ୟାଙ୍କର ଡେବିଟ୍ କାର୍ଡ଼/ ଚିପ୍ ଡେବିଟ୍ କାର୍ଡ଼ ରଖିଥିବା ଗ୍ରାହକଙ୍କ ପାଇଁ ଇଣ୍ଡସମନି ହେଉଛି ଏକ ସ୍ୱତନ୍ତ୍ର ଗ୍ରାହକ ପୁରସ୍କାର କାର୍ଯ୍ୟକ୍ରମ। ଏହି ପ୍ରୋଗ୍ରାମ ଅଧୀନରେ ଗ୍ରାହକମାନେ କ୍ୟାସ ବ୍ୟାକ୍ ଲାଭ କିମ୍ବା ପୁରସ୍କାର ପଏଣ୍ଟ ସଂଗ୍ରହ କରିପାରିବେ ଯାହା ଗ୍ରାହକଙ୍କ ଦ୍ୱାରା ଧାରଣ କରିଥିବା ଉକ୍ତ ଡେବିଟ୍ କାର୍ଡ଼ / ଚିପ୍ ଡେବିଟ୍ କାର୍ଡ଼ର ପ୍ରକାର ଉପରେ ଆଧାର କରି ବିମୋଚନ କରାଯାଇପାରେ।

  ଗ୍ରାହକଙ୍କ ଦ୍ୱାରା କରାଯାଉଥିବା ସମସ୍ତ କାରବାର ଇଣ୍ଡସ ମନି ପ୍ରୋଗ୍ରାମ ଅଧୀନରେ ଲାଭ ପାଇବାକୁ ଯୋଗ୍ୟ ନୁହେଁ। ଗ୍ରାହକମାନେ ବ୍ୟାଙ୍କର ୱେବସାଇଟରୁ କିମ୍ବା ଫୋନ୍ ବ୍ୟାଙ୍କିଂର ବ୍ୟବହାର କରି ବ୍ୟାଙ୍କ ସହିତ ଯୋଗାଯୋଗ କରି, ବ୍ୟକ୍ତିଗତ ଭାବରେ ଯେକୌଣସି ଶାଖା ପରିଦର୍ଶନ କିମ୍ବା ଅନ୍ୟ କୌଣସି ବୈଧ ଯୋଗାଯୋଗ ମାଧ୍ୟମରେ ଯୋଗ୍ୟ କାରବାରର ତାଲିକା ଯାଞ୍ଚ କରିବା ଆବଶ୍ୟକ କରିପାରିବେ। ଗ୍ରାହକ ଏହା ନିଶ୍ଚିତ କରିବେ ଯେ ନିର୍ଦ୍ଦିଷ୍ଟ ଆକାଉଣ୍ଟ ପ୍ରକାର ପାଇଁ ହାରାହାରି ତ୍ରୟମାସିକ ବାଲାନ୍ସ ରଖିବା ଆବଶ୍ୟକ ଯାହା ତାଙ୍କ ଆକାଉଣ୍ଟ ପାଇଁ ବିବେଚିତ ହୋଇଥିବ ନଚେତ୍ ସେ ଇଣ୍ଡସମନି ପ୍ରୋଗ୍ରାମ ଅଧୀନରେ କ୍ୟାସବ୍ୟାକ୍/ ପୁରସ୍କାର ପଏଣ୍ଟ (ପ୍ରଯୁଜ୍ୟ ପ୍ରକାରେ) ପାଇଁ ଯୋଗ୍ୟ ହୋଇପାରିବେ ନାହିଁ।

  ଇଣ୍ଡସ ମନି ପ୍ରୋଗ୍ରାମ ଜରିଆରେ ଅର୍ଜନ କରିଥିବା ପୁରସ୍କାର ପଏଣ୍ଟକୁ ବ୍ୟାଙ୍କର ପୁରସ୍କାର ବିମୋଚନ ନୀତି ଅନୁସାରେ ବିମୋଚିତ କରାଯାଇପାରେ। ଗ୍ରାହକମାନେ ତାଙ୍କର ଅର୍ଜନ କରିଥିବା ରିୱାର୍ଡ଼ ପଏଣ୍ଟ ସଂଗ୍ରହ ପରେ ଯାଇ କେବଳ ରିୱାର୍ଡ଼ ପଏଣ୍ଟ ଗୁଡ଼ିକୁ ବିମୋଚନ କରାଇ ପାରିବେ।

  ବ୍ୟାଙ୍କ ରିୱାର୍ଡ଼ ପଏଣ୍ଟ ଗୁଡ଼ିକର ସଂଗ୍ରହ/ ବିମୋଚନ ସମ୍ପର୍କିତ କୌଣସି ବିବାଦ/ ପାର୍ଥକ୍ୟ ଦେଖା ଦେବା, କ୍ୟାସବ୍ୟାକ୍ / କ୍ୟାସବ୍ୟାକର ପରିମାଣ ଯୋଗ୍ୟତା ଅର୍ଜନ କରିବା କିମ୍ବା ଗ୍ରାହକଙ୍କ ଆକାଉଣ୍ଟକୁ ସେ ପ୍ରକାର କ୍ୟାସବ୍ୟାକ୍ ଜମା କରିବା ସମୟ କ୍ଷେତ୍ରରେ ବ୍ୟାଙ୍କର ନିଷ୍ପତ୍ତି ଅନ୍ତିମ ବୋଲି ବିବେଚନା କରାଯିବ ଓ ଗ୍ରାହକ ତାହାକୁ ମାନିବା ପାଇଁ ବାଧ୍ୟ ହେବେ।

  ରିୱାର୍ଡ଼ ପ୍ରୋଗ୍ରାମ ଓ ଅନ୍ୟାନ୍ୟ ପ୍ରମୋସନାଲ୍ କାର୍ଯ୍ୟକ୍ରମ ଗୁଡ଼ିକ ସମୟ ସୀମା ଭିତ୍ତିକ ଏବଂ ଗ୍ରାହକଙ୍କୁ ପୂର୍ବରୁ କୌଣସି ସୂଚନା ନଦେଇ ବ୍ୟାଙ୍କ ଯେକୌଣସି ସମୟରେ ତାହାକୁ ବିଚ୍ଛିନ୍ନ କରିପାରିବେ।

- ବୀମା :

  କାର୍ଡ଼ର ପ୍ରକାର ଭିତ୍ତିରେ ଗ୍ରାହକଙ୍କ ପାଇଁ ଡେବିଟ୍ କାର୍ଡ଼ ଇନ୍‌ବିଲ୍ଟ ଇନ୍‌ସ୍ୟୁରାନ୍ସ କଭର (କମ୍ପ୍ଲିମେଣ୍ଟାରି/ପ୍ରାଇସ୍‌ଡ) ସହିତ ଆସିପାରେ। ଏହି ବୀମାକଭର ମଧ୍ୟରେ ରହିପାରେ ହଜିଯିବା କାର୍ଡ଼ର ଦାୟୀତ୍ୱ, କ୍ରୟ କ୍ଷେତ୍ରରେ ସୁରକ୍ଷା, ବ୍ୟକ୍ତିଗତ ଦୁର୍ଘଟଣାଜନିତ ମୃତ୍ୟୁ ବୀମା, ବିମାନ ଦୁର୍ଘଟଣା ବୀମା, କାର୍ଡ଼ର ସୁରକ୍ଷା ବୀମା, ମୋବାଇଲ୍ ସୁରକ୍ଷା ବୀମା, ଅନଲାଇନ୍ ଜାଲିଆତି ସୁରକ୍ଷା ବୀମା ଇତ୍ୟାଦି। ଗ୍ରାହକମାନେ ସେମାନଙ୍କ ବୀମା କଭର ଲାଭ ଦାବୀ ପାଇଁ ନିର୍ଦ୍ଧାରିତ ପ୍ରକାରେ ପ୍ରଯୁଜ୍ୟ ସର୍ତ୍ତ ଓ ବ୍ୟବସ୍ଥାବଳୀ ସହିତ ଅନୁପାଳନ ପରେ କେବଳ ଏହି ବୀମା ଲାଭ ଦାବୀ କରିବାକୁ ଅଧିକାର ପାଇପାରିବେ। ଆପଣଙ୍କ କାର୍ଡ଼ର ପ୍ରକାର, ଆକାଉଣ୍ଟ ଇତ୍ୟାଦି ଯାହାକୁ କ୍ଲାଏଣ୍ଟଙ୍କ ଦ୍ୱାରା ରଖା ଯାଇଥାଏ ତାହା ଉପରେ ନିର୍ଭର କରି ବୀମା ପରିମାଣ ଭିନ୍ନ ଭିନ୍ନ ହୋଇଥାଏ। ବ୍ୟାଙ୍କ ଏହାର ନିଜସ୍ୱ ବିବେଚନା ଆଧାରରେ ସମୟକୁ ସମୟରେ ଏହି ବୀମା ପାଇଁ ରହିଥିବା ସର୍ତ୍ତ ଓ ବ୍ୟବସ୍ଥାବଳୀଗୁଡ଼ିକୁ ପରିବର୍ତ୍ତନ କରିବା ପାଇଁ ଅଧିକାର ବଜାୟ ରଖିଛି। ଏହିସବୁ ସର୍ତ୍ତ ଓ ବ୍ୟବସ୍ଥାବଳୀ ଗୁଡ଼ିକ ବ୍ୟାଙ୍କର ୱେବସାଇଟ୍ ସହିତ ଦାବୀ ଓ ନଥିପତ୍ର ପ୍ରକ୍ରିୟାରେ ଉପଲବ୍ଧ ହୋଇଥାଏ। ଏକ ଦାବୀ ପରିସ୍ଥିତି କ୍ଷେତ୍ରରେ ଯେଉଁଠାରେ ନୋମିନିଙ୍କ ବିବରଣୀ ଆବଶ୍ୟକ ପଡ଼େ ଯେପରିକି ବ୍ୟକ୍ତିଗତ ଦୁର୍ଘଟଣାଜନିତ ମୃତ୍ୟୁ, ବିମାନ ଦୁର୍ଘଟଣା ବୀମା ଇତ୍ୟାଦି ସେ କ୍ଷେତ୍ରରେ ନୋମିନିଙ୍କ ବିବରଣୀରେ ବ୍ୟକ୍ତିଗତ କ୍ଲାଏଣ୍ଟ ବୋଲି କେବଳ କରେଣ୍ଟ କିମ୍ବା ସେଭିଂ ଆକାଉଣ୍ଟ ଲିଙ୍କ ହୋଇଥିବା ଡେବିଟ୍ କାର୍ଡ଼ ପାଇଁ ଉପଲବ୍ଧ ହୁଏ ତାହାକୁ ଏହି ବୀମା ଲାଭ ଦାବୀ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇପାରିବ। ଯଦି ନୋମିନିଙ୍କ ବିବରଣୀ ସେଭିଂସ୍ କିମ୍ବା କରେଣ୍ଟ ଆକାଉଣ୍ଟ ସହିତ ଉପଲବ୍ଧ ନଥାଏ ତେବେ ବୀମା କମ୍ପାନୀ ଦ୍ୱାରା ଆବଶ୍ୟକତା ପ୍ରକାରେ ନଥିପତ୍ରକରଣ/ ଉପଯୁକ୍ତ ପ୍ରକ୍ରିୟାକରଣ ଦ୍ୱାରା ନିର୍ଦ୍ଧାରଣ କରାଯାଇଥିବା ପ୍ରକାରେ ତାଙ୍କର ପ୍ରକୃତ ଉତ୍ତରାଧିକାରୀଙ୍କୁ ବୀମା କମ୍ପାନୀ ଦ୍ୱାରା ଏହି ବୀମା ଦାବୀ ପ୍ରଦାନ କରାଯାଇପାରେ। ଅଣ ବ୍ୟକ୍ତିବିଶେଷ ସିଏଏସଏ କ୍ଲାଏଣ୍ଟ ଯେପରିକି ଫାର୍ମ, କମ୍ପାନୀ ସମୂହ ଇତ୍ୟାଦି ଯେଉଁଠାରେ ନୋମିନି ବିବରଣୀ ଉପଲବ୍ଧ ନଥାଏ ସେ କ୍ଷେତ୍ରରେ ଡେବିଟ୍ କାର୍ଡ଼ ଉପରେ ବୀମା କଭର ଯେଉଁଥିପାଇଁ ନୋମିନିଙ୍କ ବିବରଣୀ ଆବଶ୍ୟକତା ରହିଥାଏ ତାହା ପ୍ରଯୁଜ୍ୟ ହୁଏ ନାହିଁ। ବୀମାର ଉପଲବ୍ଧତା ଅନ୍ତର୍ଭୁକ୍ତ ଅନ୍ୟାନ୍ୟ ସୂଚନା ଗୁଡ଼ିକ ପ୍ରତ୍ୟେକ ଷ୍ଟେଟମେଣ୍ଟରେ ରହିଥାଏ। ଏହି ସୂଚନାରେ ମଧ୍ୟ ବୀମା କଭର ସମ୍ବନ୍ଧିତ ବିବରଣୀ, ବୀମା କମ୍ପାନୀର ନାମ / ଠିକଣା ଓ ଟେଲିଫୋନ୍ ନମ୍ବର ରହିଥାଏ ଯାହାକି ବୀମା କଭର ସମ୍ବନ୍ଧିତ ଦାବୀ ଗୁଡ଼ିକ ପରିଚାଳନା କରିଥାନ୍ତି।

- ଉଞ୍ଚଗା-ଥୁକ୍କଂଓଥୁଗପ୍ତା

  ଉତ୍ପାଦ ବୈଶିଷ୍ଟ୍ୟ ଉପରେ ନିର୍ଭର କରି ଗ୍ରାହକମାନେ ଆଡ୍ ଅନ୍ ଡେବିଟ୍ କାର୍ଡ଼/ ଚିପ୍ ଡେବିଟ୍ କାର୍ଡ଼କୁ ତାଙ୍କର ବିଦ୍ୟମାନ ସେଭିଂସ ଆକାଉଣ୍ଟ ପାଇଁ ଉପଯୋଗ କରିପାରିବେ। ଏହି ଆଡ୍ ଅନ୍ କାର୍ଡ଼ର ଉପଯୋଗୀତା ଗ୍ରାହକଙ୍କ ଏକକ ଦାୟୀତ୍ୱ ଓ ଦାୟବଦ୍ଧତା ଉପରେ ନିର୍ଭର କରିବ ଏବଂ ବିକଳ୍ପ ଭାବରେ ବ୍ୟାଙ୍କ କେବଳ ନିମ୍ନଲିଖିତ ବ୍ୟବସ୍ଥା ପ୍ରଦାନ କରିଥାଏ।

  କ) ସୂଚନା ଆଦାନ ପ୍ରଦାନ / ଉନ୍ମୋଚନ

  ଗ୍ରାହକ ତାଙ୍କର ବ୍ୟାଙ୍କ ଡେବିଟ୍ କାର୍ଡ଼ ଗ୍ରହଣ/ ବ୍ୟବହାର କରି ବ୍ୟାଙ୍କକୁ ଏହି ଅଧିକାର ପ୍ରଦାନ କରିବେ ଯେ ଗ୍ରାହକଙ୍କ ଆକାଉଣ୍ଟ / ବ୍ୟକ୍ତିଗତ ସୂଚନା /ସଞ୍ଚାଳନ ସୂଚନା ଯାହା ବ୍ୟାଙ୍କ ସହିତ ଉପଲବ୍ଧ ଥାଏ ତାହାକୁ ଅନ୍ୟ କୌଣସିଙ୍କୁ ହସ୍ତାନ୍ତର/ ଉନ୍ମୋଚନ କରିବା ଅଧିକାର ରହିଛି ଯାହା ସେ ପ୍ରକାର ସୂଚନାକୁ ଅନ୍ତର୍ଭୁକ୍ତ କରାଯାଇପାରିବ କିନ୍ତୁ ତାହା ଏଥିସହିତ ସୀମିତ ହୋଇନପାରେ :

1. ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) / ଇଣ୍ଟରନାସନାଲ୍ ଫାଇନାନ୍ସିଆଲ୍ ସର୍ଭିସ୍ ସେଣ୍ଟ (ଆଇଏଫଏସସି)
2. ଭାରପ୍ରାପ୍ତ ପ୍ରତିନିଧି/ ସଂସ୍ଥାଙ୍କ ଜରିଆରେ ଭାରତ ସରକାର
3. ବିଚାରାଳୟ/ ଅନୁସନ୍ଧାନକାରୀ ଏଜେନ୍ସି
4. ସିକ୍ୟୁରିଟିଜ୍ ଏକ୍ସଚେଞ୍ଜ ବୋର୍ଡ଼ ଅଫ୍ ଇଣ୍ଡିଆ (ସେବି)
5. ଷ୍ଟକ୍ ଏକ୍ସଚେଞ୍ଜର ଭାରପ୍ରାପ୍ତ ପ୍ରତିନିଧି
6. ସମୀକ୍ଷକ / ବୃତ୍ତିଗତ ପରାମର୍ଶଦାତା
7. ବ୍ୟାଙ୍କ ଯେଉଁ ସଂସ୍ଥା ସହିତ ସେବା / ଉତ୍ପାଦ ସମ୍ବନ୍ଧିତ ଆଇନଗତ ସମ୍ପର୍କ ରକ୍ଷା କରିଥାଏ ସେ ପ୍ରକାର ତୃତୀୟପକ୍ଷ ସେବା ପ୍ରଦାତା ଏବଂ ଯେଉଁମାନେ ଏହି ସୂଚନା ହସ୍ତଗତ କରିବା ଆବଶ୍ୟକ କରିଥାନ୍ତି
8. ସେ ପ୍ରକାର ସୂଚନା ପାଇଁ ଅଧିକାର ସାବ୍ୟସ୍ତ କରୁଥିବା ଅନ୍ୟ କୌଣସି ଆଇନଗତ ସଂସ୍ଥା/ ପ୍ରାଧୀକୃତ ବ୍ୟକ୍ତିବିଶେଷ
9. କ୍ରେଡିଟ୍ ଇନ୍‌ଫରମେସନ ବ୍ୟୁରୋ ସହିତ କିନ୍ତୁ ସିବିଲ୍ ପର୍ଯ୍ୟନ୍ତ ସୀମିତ ନହୋଇ।

ବ୍ୟାଙ୍କ ଗ୍ରାହକ କିମ୍ବା ତାଙ୍କର ଆକାଉଣ୍ଟ / ଆର୍ଥିକ ପରିସ୍ଥିତି ପାଇଁ ଯେକୌଣସି ଉତ୍ସ ପାଇଁ ଅଧିକାର ବଜାୟ ରଖିବେ ଯାହାକୁ ବ୍ୟାଙ୍କ ପାଇଁ ଉପଲବ୍ଧ ହୋଇଥିବା ପ୍ରକାରେ ଯେକୌଣସି ଉତ୍ସ ଜରିଆରେ ବ୍ୟାଙ୍କ ଦ୍ୱାରା ଉପଯୁକ୍ତ ବୋଲି ବିବେଚନା କରାଯାଇପାରିବ।

ସେବା ଏବଂ ପ୍ରମୋସନାଲ୍ କାର୍ଯ୍ୟକ୍ରମ ପାଇଁ ବ୍ୟାଙ୍କ ଗ୍ରାହକଙ୍କ ଯୋଗାଯୋଗ ସୂଚନାକୁ ବ୍ୟବହାର କରିବ। ଏଥିପାଇଁ ବ୍ୟାଙ୍କ ଏହି ଗ୍ରାହକଙ୍କ ସୂଚନାକୁ ଅନ୍ୟାନ୍ୟ ବ୍ୟାଙ୍କ ଗ୍ରୁପ୍ କମ୍ପାନୀ (ସମୂହ) କିମ୍ବା ବ୍ୟାଙ୍କ ସହିତ ସଂପୃକ୍ତ ଥିବା ଅନ୍ୟ କୌଣସି ତୃତୀୟ ପକ୍ଷ/ ସେବା ପ୍ରଦାତା / ଏଜେଣ୍ଟଙ୍କୁ ଦେଇ ପାରିବ। ବ୍ୟାଙ୍କରେ ଖାତା ଖୋଲା ଯାଉଥିବା ସମୟରେ ଏହି ବିଷୟରେ ବ୍ୟାଙ୍କ ଗ୍ରାହକଙ୍କ ଠାରୁ ସମ୍ମତି ଆଶା କରିବ।

**୯) ଟ୍ରାନ୍‌ଜାକ୍‌ସନ ତ୍ରୁଟି/ ରିଭର୍ସାଲ୍**

ଅସଫଳ/ ତ୍ରୁଟିପୂର୍ଣ ଟ୍ରାନ୍‌ଜାକ୍‌ସନର ରିଭର୍ସାଲ୍ ପାଇଁ ସମୟ ଅବଧି ଏବଂ ନିର୍ଦ୍ଦିଷ୍ଟ ସମୟ ସୀମା ପରିପୁରଣ ପାଇଁ ତ୍ରୁଟି ନିମନ୍ତେ କ୍ଷତିପୂରଣ ପ୍ରଦେୟ ବ୍ୟବସ୍ଥା ନିମ୍ନ ପ୍ରକାର

<table>
<tr><th rowspan="2"></th><th rowspan="2">ଘଟଣାର ବିବରଣୀ</th><th colspan="2">ଅଟୋ–ରିଭର୍ସାଲ୍ ଓ କ୍ଷତିପୂରଣ ପାଇଁ ଫ୍ରେମୱାର୍କ</th></tr>
<tr><th>ଅଟୋ–ରିଭର୍ସାଲ୍ ପାଇଁ ଟାଇମଲାଇନ୍</th><th>ପ୍ରଦେୟ କ୍ଷତିପୂରଣ</th></tr>
<tr><td></td><td></td><td></td><td></td></tr>
<tr><td colspan="4">ଅଟୋମେଟେଡ୍ ଟେଲର ମେସିନ୍ (ଏଟିଏମ୍) ସହିତ ମାଇକ୍ରୋ ଏଟିଏମ୍</td></tr>
<tr><td>କ.</td><td>ଗ୍ରାହକଙ୍କ ଆକାଉଣ୍ଟରୁ ଡେବିଟ୍ ହୁଏ କିନ୍ତୁ କ୍ୟାସ ବିତରଣ ହୋଇନଥାଏ</td><td>ପ୍ରୋଆକ୍ଟିଭ୍ ରିଭର୍ସାଲ୍ ଫେଲ୍ ହୋଇଥିବା ଟ୍ରାନ୍‌ଜାକ୍‌ସନ ଏକ ସର୍ବାଧିକ ଟି+5 କାର୍ଯ୍ୟ ଦିବସ ମଧ୍ୟରେ</td><td>ଆକାଉଣ୍ଟଧାରୀଙ୍କ ଖାତାରେ କ୍ରେଡିଟ୍ କରିବା ପାଇଁ ଟି+5 କାର୍ଯ୍ୟ ଦିବସ ବାହାରେ ବିଳମ୍ବ ପାଇଁ ଦିନ ପ୍ରତି ଟ.100/–</td></tr>
<tr><td colspan="4">କାର୍ଡ଼ ଟ୍ରାନ୍‌ଜାକ୍‌ସନ</td></tr>
<tr><td>କ.</td><td>ପଏଣ୍ଟ ଅଫ୍ ସେଲ୍ (ପିଓଏସ୍) (କାର୍ଡ଼ ପ୍ରେଜେଣ୍ଟ) ସହିତ ପିଓଏସ୍ ରେ କ୍ୟାସ<br>ଆକାଉଣ୍ଟରୁ ଡେବିଟ୍ ହୋଇଥାଏ କିନ୍ତୁ ମର୍ଚ୍ଚାଣ୍ଟ ଲୋକେସନରେ କନ୍‌ଫରମାସନ ପ୍ରାପ୍ତ ହୋଇନଥାଏ ଯଥା ଚାର୍ଜ ସ୍ଲିପ୍ ଜେନେରେଟ୍ ହୋଇନଥାଏ</td><td rowspan="2">ଟି+5 କାର୍ଯ୍ୟ ଦିବସ ମଧ୍ୟରେ ଅଟୋ–ରିଭର୍ସାଲ୍</td><td rowspan="2">ଟି+5 କାର୍ଯ୍ୟ ଦିବସ ବାହାରେ ବିଳମ୍ବ ପାଇଁ ପ୍ରତି ଦିନ ଟ.100/–</td></tr>
<tr><td>ଖ.</td><td>କାର୍ଡ଼ ନଟ୍ ପ୍ରେଜେଣ୍ଟ (ସିଏନପି) (ଇକମର୍ସ) ଆକାଉଣ୍ଟ ଡେବିଟ୍ ହୋଇଥାଏ କିନ୍ତୁ ମର୍ଚ୍ଚାଣ୍ଟ ସିଷ୍ଟମରେ କନ୍‌ଫରମେସନ ପ୍ରାପ୍ତ ହୋଇନଥାଏ।</td></tr>
</table>

3. **ସର୍ତ୍ତ ଓ ବ୍ୟବସ୍ଥାବଳୀର ସଂଶୋଧନ :**

ବ୍ୟାଙ୍କ ଏହାର ଏକକ ନିଷ୍ପତ୍ତି ଆଧାରରେ ଡକୁମେଣ୍ଟରେ ରହିଥିବା ଯେକୌଣସି ସର୍ତ୍ତକୁ ପରିବର୍ତ୍ତନ କରିପାରେ। ଚାର୍ଜିଂ ପାଇଁ କୌଣସି ସଂଶୋଧନ କିମ୍ବା ଏଥି ସମ୍ବନ୍ଧିତ ସର୍ତ୍ତାବଳୀ ତାହା କେବଳ ଗ୍ରାହକଙ୍କୁ 30 ଦିନ ବା ତାଠାରୁ ଅଧିକ ଦିନ ପୂର୍ବରୁ ନୋଟିସ୍ ପ୍ରଦାନ କରାଯାଇ କାର୍ଯ୍ୟକାରୀ କରାଯିବ। ଗ୍ରାହକଙ୍କୁ ପରାମର୍ଶ ଦିଆଯାଉଥିବା ସେ ପ୍ରକାର ପରିବର୍ତ୍ତନ ବିଷୟକୁ ବହୁମୁଖୀ ଯୋଗାଯୋଗ ପ୍ରଣାଳୀ ସହିତ କିନ୍ତୁ ସୀମିତ ହୋଇନଥିବା ପ୍ରକାରେ ଡାଇରେକ୍ଟ ମେଲର, ଇଲେକ୍‌ଟ୍ରୋନିକ୍ ଏବଂ ପ୍ରିଣ୍ଟ ଷ୍ଟେଟମେଣ୍ଟ, ଇମେଲର ଓ ଏସଏମଏସ୍ ଜରିଆରେ ପଠା ଯାଇଥାଏ। ଏହା ବ୍ୟତୀତ ଏହି ବିଷୟକୁ ମଧ୍ୟ ସମୟକୁ ସମୟରେ ବ୍ୟାଙ୍କର ୱେବସାଇଟରେ ଅପଡେଟ୍ କରାଯାଇଥାଏ।

30 ଦିନ ଅବଧି ସମାପ୍ତ ହେବା ପରେ, କାର୍ଡ଼ଧାରୀ ଏହି ସର୍ତ୍ତ ଓ ବ୍ୟବସ୍ଥାବଳୀ ଗୁଡ଼ିକୁ ପାଳନ କରିବା ପାଇଁ ବାଧ୍ୟ ହୋଇଥାନ୍ତି। ଯଦି ସେ ଏହି ନିର୍ଦ୍ଧାରିତ ସମୟ ମଧ୍ୟରେ ଉଠାଣ କରିନଥାନ୍ତି।

୯

4. **ଆଇନ ଓ ଆଇନଗତ ବିଚାର ବ୍ୟବସ୍ଥାର ପରିଚାଳନା**

ସର୍ତ୍ତ ଓ ବ୍ୟବସ୍ଥାବଳୀ କିମ୍ବା ବ୍ୟାଙ୍କ ସହିତ ରହିଥିବା ଆକାଉଣ୍ଟର ପରିଚାଳନା କିମ୍ବା ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ସେବା ବ୍ୟବସ୍ଥା ଗୁଡ଼ିକୁ ଗ୍ରାହକ ଭାରତୀୟ ଗଣତନ୍ତ୍ରର ଆଇନ୍ ବ୍ୟବସ୍ଥା ଦ୍ୱାରା ବ୍ୟବସ୍ଥିତ ପ୍ରକାରେ ପାଳନ କରିବାକୁ ଦାୟୀ ରହିବେ। କୌଣସି ବିବାଦ / ଦାବୀ / ସମସ୍ୟା କ୍ଷେତ୍ରରେ ମୁମ୍ବାଇରେ ଥିବା ନ୍ୟାୟିକ ପରିସର ସ୍ଥିତ ବିଚାରାଳୟ କିମ୍ବା ଟ୍ରିବୁନାଲକୁ ଅଣାଯିବ। କୌଣସି ବିଚାରାଳୟ/ ଟ୍ରିବୁନାଲ୍/ କର୍ତ୍ତୃପକ୍ଷଙ୍କ ଠାରେ କୌଣସି ଗ୍ରାହକଙ୍କ ବିରୁଦ୍ଧରେ ବ୍ୟାଙ୍କ ଯେକୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଧିକାର ବଜାୟ ରଖିବ ଏବଂ ଗ୍ରାହକ ଏତଦ୍ୱାରା ଏହି ନ୍ୟାୟିକ ପରିସର ପାଇଁ ସହମତି ପ୍ରଦାନ କରିବେ।

ଯଦି ଏହି ସର୍ତ୍ତ ଏବଂ ବ୍ୟବସ୍ଥାବଳୀରେ ଥିବା ବିଷୟ ଗୁଡ଼ିକ ଆଇନଗତ ଭାବରେ ଅନଟେନାବଲ୍/ ଅନ୍‌ଏନଫୋର୍ସେବଲ୍/ ନିଷିଦ୍ଧ ହୋଇଥାଏ ତେବେ, ସେ ପ୍ରକାର ଅନଏନ୍‌ଫୋର୍ସିବିଲିଟି ବ୍ୟବସ୍ଥା ଗୁଡ଼ିକ କେବଳ କଥିତ ବ୍ୟବସ୍ଥା ଅନୁସାରେ ଲାଗୁ ହେବ ଏବଂ ଅନ୍ୟାନ୍ୟ ସର୍ତ୍ତ ଏବଂ ବ୍ୟବସ୍ଥାବଳୀ ଗୁଡ଼ିକୁ ଇନଭାଲିଡେଟ୍ କରିବ ନାହିଁ।